## ଯୁବ ସଂସ୍କାର କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୪।୨(ଡି.ଏନ୍.ଏ.)-ପାରଳାଖେମୁଣ୍ଡି ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ପ୍ରାରମ୍ଭ କରାଯାଇଥିବା ଯୁବ ସଂସ୍କାର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ରୀନା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଶଙ୍କର ପ୍ରସାଦ ବକ୍ସି ଯୋଗଦେଇଥିଲେ। ମୁଖ୍ୟ ଅତିଥି ଡ. ବକ୍ସି ଯୁବ ସଂସ୍କାରର ଆକ୍ଷରିକ ଅର୍ଥ ବୁଝାଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ରୀନା ସାହୁ, ଛାତ୍ରୀମାନେ ନିଜେ ସଂସ୍କାରିତ ହେଲେ ଆଗାମୀ ବଂଶଧରମାନଙ୍କୁ ଏକ ସୁସ୍ଥ ସମାଜଗଠନ କରିବାରେ ସହାୟକ ହୋଇପାରିବେ ବୋଲି କହିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଭାରତୀ ପାଣିଗ୍ରାହୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧାପିକା, କର୍ମଚାରୀ ତଥା ଛାତ୍ରୀମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### କାଶୀନଗର ଏନ୍‌ଏସି : ୩ ପ୍ରାର୍ଥିପତ୍ର ଦାଖଲ, ୧୬ ବିକ୍ରି

**କାଶୀନଗର,୪।୩:** ଚଳିତ ପୌର ପରିଷଦ ନିର୍ବାଚନ ପରିପ୍ରେକ୍ଷୀରେ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ୩ ୱାର୍ଡ ପାଇଁ ତିନୋଟି ନାମାଙ୍କନ ପତ୍ର ନିର୍ବାଚନ ଅଧିକାରୀ ଗୋପାଳ କୃଷ୍ଣ ଅଧିକାରୀଙ୍କ ନିକଟରେ ଦାଖଲ ହୋଇଛି। ସେହିପରି ୱାର୍ଡ ନମ୍ବର ୧, ୨, ୪, ୮, ୯, ୧୦, ୧୧, ୧୨ ଓ ୧୩ ୱାର୍ଡ ନିମନ୍ତେ ୧୬ଟି ନାମାଙ୍କନ ପତ୍ର ବିକ୍ରି ହୋଇଥିବା ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପୂର୍ଣ୍ଣ ରାଉତ ସୂଚନା ଦେଇଛନ୍ତି। ଅଧକ୍ଷା ପଦବୀ ପାଇଁ କୌଣସି ଦଳୀୟ କିମ୍ବା ନିର୍ଦ୍ଦଳୀୟ ପ୍ରାର୍ଥୀନୀ ନୋମିନେଶନ ପତ୍ର ନେଇନାହାନ୍ତି।

### ୨୩୯ ଛାତ୍ରୀଛାତ୍ର ଦେଲେ ପ୍ରବେଶିକା ପରୀକ୍ଷା

**କାଶୀନଗର,୪।୩:** ଆଗାମୀ ଶିକ୍ଷା ବର୍ଷ ନିମନ୍ତେ ୬ଷ୍ଠରେ ନାମ ଲେଖିବା ପାଇଁ କାଶୀନଗର ବ୍ଲକର ୨ ପରୀକ୍ଷା କେନ୍ଦ୍ର ଯଥା ବାରଣସି ସରକାରୀ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ଅଲାଡାଠାରେ ୨୩୯ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ସେଣ୍ଟର ସୁପେରଟେଣ୍ଡାଣ୍ଟ ସୁଶୀଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି।

### ତୃତୀୟ ଦିନରେ ମଧ ପଡିଲାନି ପ୍ରାର୍ଥିପତ୍ର

**ଜି.ଉଦୟଗିରି,୪।୩(ଡି.ଏନ.ଏ.):** ପ୍ରାର୍ଥିପତ୍ର ଦାଖଲ କରିବାର ତୃତୀୟ ଦିନରେ ମଧ ଜି.ଉଦୟଗିରି ପୌର ନିର୍ବାଚନ ପାଇଁ କେହି ହେଲେ ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ଶୁକ୍ରବାର କେବଳ ୬ଟି ଫର୍ମ କାଉନସିଲ ପଦବୀ ପାଇଁ ଆଶାୟୀମାନେ ନେଇଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରାର୍ଥିପତ୍ର ଦାଖଲ କରିବାର ତିନିଦିନ ବିତି ଯାଇଥିବା ବେଳେ ଆଉ ତିନିଦିନ ବାକି ଅଛି। ସମସ୍ତ ରାଜନୈତିକ ଦଳର ପ୍ରାୟତଃ କାଉନସିଲ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଚୂଡାନ୍ତ ହୋଇଥିବା ବେଳେ ଅଧକ୍ଷ ପଦବୀକୁ ନେଇ ଚାଲିଛି ମାନସ ମନ୍ଥନ। ସମସ୍ତ ଦଳ ପରସ୍ପର ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରି ରଣନୀତି ପ୍ରସ୍ତୁତ ଅପେକ୍ଷାରେ ଅଛନ୍ତି। ଶେଷ ଦୁଇଦିନ ରବିବାର ଏବଂ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଆଶା କରାଯାଉଛି।

### ଟ୍ରାକ୍ଟର ଦୁର୍ଘଟଣା, ଜଣେ ଆହତ

**ଶେରଗଡ଼,୪।୩(ଡି.ଏନ୍.ଏ.):** ଧବଳପୁର ଗ୍ରାମର ଏକ ବାଲି ବୋଝେଇ ଟ୍ରାକ୍ଟର ଶୁକ୍ରବାର ଆସ୍କାରୁ ଶେରଗଡ଼ ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶେରଗଡ଼ରେ ନିର୍ମାଣ ଚାଲିଥିବା ବସ୍‌ଷ୍ଟାଣ୍ଡ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ପାର୍ଶରେ ଯାଉଥିବା ସାଇକଲ ଆରୋହୀ ତାକରଦା ଗ୍ରାମର ସନିଆ ବେହେରାଙ୍କୁ ଧକା ଦେଇ ଓଲଟି ପଡ଼ିଥିଲା। ଆହତ ସନିଆଙ୍କୁ ଉଦ୍ଧାର କରି ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଗୋଲିଆ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା

**ବୁଗୁଡ଼ା,୪।୩(ଡି.ଏନ.ଏ.):** ବୁଗୁଡ଼ାବ୍ଲକର ଗୋଲିଆ ଗ୍ରାମସ୍ଥ ଓଡ଼ଶା ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବର୍ଷ ୨୦୨୨-୨୩ ସକାଶେ ମୋଟ ୧୭୭ ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିଲେ। ସେଥିରୁ ୬ଷ୍ଠ ଶ୍ରେଣୀର ୮୦ ସିଟ୍ ପାଇଁ ୧୬୬ ଏବଂ ୯ମ ଶ୍ରେଣୀର ଖାଲି ପଡିଥିବା ୧୧ ସିଟ୍ ପୂରଣ ପାଇଁ ୧୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଅଧକ୍ଷ ସିଦ୍ଧାର୍ଥ ପ୍ରସାଦ ଜେନାଙ୍କ ତତ୍ତ୍ୱାବଧାନ ଏବଂ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ପର୍ଯ୍ୟବେକ୍ଷଣରେ ଅନୁଷ୍ଠିତ ଉକ୍ତ ପ୍ରବେଶିକା ପରୀକ୍ଷା ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ସୁଧୁରିଲାନି ଧାନକିଣା ଅବ୍ୟବସ୍ଥା

ଛତ୍ରପୁର,୪।୩(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଚାଷୀଙ୍କ ଠାରୁ ଧାନ କିଣା ନେଇ ଅବ୍ୟବସ୍ଥା ଲାଗି ରହିଛି। ଧାନକିଣା ଟାର୍ଗେଟ ବୃଦ୍ଧି ସମ୍ବନ୍ଧୀୟ ମଞ୍ଜୁରୀ ଆସୁ ନ ଥିବାରୁ ଏପରି ସ୍ଥିତି ସୃଷ୍ଟି ହେଉଛି । ୨୦୨୧ ଡିସେମ୍ବର ୨୯ରୁ ଜିଲାରେ ଚାଷୀଙ୍କଠାରୁ ଧାନକିଣା ଆରମ୍ଭ ହୋଇଛି । ମାର୍ଚ୍ଚ ଶେଷ ସୁଦ୍ଧା ଧାନକିଣା ପ୍ରକ୍ରିୟା ସରିବାକୁ ନିର୍ଦ୍ଧାରିତ ହୋଇଛି । ଶୁକ୍ରବାର ସୁଦ୍ଧା ୯୪,୨୦୨ ଜଣ ଚାଷୀଙ୍କଠାରୁ ୩୯ ଲକ୍ଷ ୬୪ ହଜାର ୮୭୨ କୁଇଣ୍ଟାଲ ଧାନ କିଣାଯାଇଥିବା

**ଟାର୍ଗେଟ ବଢ଼ାଇବାକୁ ଦାବି**

ଯୋଗାଣ ବିଭାଗ ଠାରୁ ସୂଚନା ମିଳିଛି । ଚଳିତ ବର୍ଷ ଜିଲାର ୧ ଲକ୍ଷ ୨୨ ହଜାର ୮୨୬ ଜଣ ଚାଷୀ ଧାନ ବିକିବାକୁ ପଞ୍ଜୀକୃତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୪୭୭ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଥିଲା। ପରେ ୪ ଲକ୍ଷ ଓ ତାପରେ ୧.୫୦ ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଛି । ଟାର୍ଗେଟ ମଧ୍ୟରୁ ଆଉ ମାତ୍ର ୨ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇପାରିବ। ଜିଲାର ଆହୁରି ୨୮ ହଜାର ଚାଷୀଙ୍କ ଧାନ କିଣାଯିବାକୁ ବାକି ରହିଛି । ୩ ଦିନ ମଧ୍ୟରେ ଆସିଥିବା ଧାନକିଣା ଟାର୍ଗେଟ ସରିଯିବ। ତେଣୁ ଏହି ସମୟ ମଧ୍ୟରେ ଟାର୍ଗେଟ ବୃଦ୍ଧି କରା ନ ଗଲେ ଜିଲାରେ ଧାନ କିଣା ବାଧାପ୍ରାପ୍ତ ହେବ ବୋଲି ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଶୁକ୍ରବାର ଖବରଦାତାମାନଙ୍କୁ କହିଛନ୍ତି। ପଞ୍ଚାୟତ ନିର୍ବାଚନ ଓ ଏବେ ପୌର ନିର୍ବାଚନରେ ପ୍ରଶାସନ ବ୍ୟସ୍ତ ରହୁଥିବାରୁ ଏପରି ଅବ୍ୟବସ୍ଥା ଲାଗି ରହିଥିବା ମହାସଭାର ସମ୍ପାଦକ ଅଭିଯୋଗ କରିଛନ୍ତି। ଜିଲାରେ ୩୪୯ଟି ପ୍ୟାକ୍ସ, ୯୦ ମହିଳା ସଂଘ ଓ ଗୋଟିଏ ପାଣି ପଞ୍ଚାୟତ ଧାନ କିଣା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏଥର ବାରମ୍ବାର ଅଦିନିଆ ବର୍ଷା ଯୋଗୁଁ ଅଧିକାଂଶ ଧାନ ନଷ୍ଟ ହେବା ସହ ଗମୁ ହୋଇଯାଇଛି । ଉକ୍ତ ଧାନକୁ ମିଲର ନେଉନାହାନ୍ତି। ଧାନ ବିକ୍ରି ସମସ୍ୟା ନେଇ ଚାଷୀ ଓ ଚାଷୀ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ହେଉଥିଲେ ମଧ ପ୍ରଶାସନ କିଛି ଶୁଣୁନଥିବା ଅଭିଯୋଗ ହୋଇଛି । ପାଖାପାଖି ୧୦ ହଜାର ଟୋକନ୍ ଲ୍ୟାପ୍ସ ହୋଇଯାଇଛି । ଫଳରେ ଚାଷୀମାନଙ୍କ ସମସ୍ୟା ଆହୁରି ବଢ଼ିଯାଇଛି ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି କାର୍ଯ୍ୟକ୍ରମ



ଜନଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୪।୩(ଡି.ଏନ.ଏ.)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆସିକା ବ୍ଲକର ୨୭ ପଞ୍ଚାୟତରେ ୨୦୨୦-୨୧ ଆର୍ଥିକ ବର୍ଷରେ ହୋଇଥିବା ବିଭିନ୍ନ କାର୍ଯର ଜନଶୁଣାଣି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଆଇସିର ଜିଲା ପରିଚାଳକ ମହେଶ୍ୱର ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ରୋସନ ଶତପଥୀ, ଜିଲା ସୋସିଆଲ ଅଡିଟର ରବିନ୍ଦ୍ର ମାଲଣା, ବ୍ଲକ ସୋସିଆଲ ଅଡିଟର ଜଗନ୍ନାଥ ପଣ୍ଡା, ସହକାରୀ ଯନ୍ତ୍ରୀ ନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ସହକାରୀ ପ୍ରକଳ୍ପ ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଉପରୋକ୍ତ ଆର୍ଥିକ ବର୍ଷରେ ବିଭିନ୍ନ ପଞ୍ଚାୟତରେ ହୋଇଥିବା ସାମୁହିକ ଓ ବ୍ୟକ୍ତିଗତ ପ୍ରକଳ୍ପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅଧିକରୁ ଅଧିକ ଶ୍ରମ ଦିବସ ସୃଷ୍ଟି କରି ବେକାରୀ ଦୂରିକରଣ ଲାଗି ସମସ୍ତେ ଯତ୍ନବାନ ହେବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା । ୨୦୨୦-୨୧ ଆର୍ଥିକ ବର୍ଷରେ ବ୍ଲକରେ ୧୩ଲକ୍ଷ ୪୪ହଜାର ୪୨୦ ଶ୍ରମ ଦିବସ ସୃଷ୍ଟି ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ବେଳେ ସେଥି ମଧ୍ୟରୁ ୧୧ଲକ୍ଷ ୧୬ ହଜାର ୫୭୩ ଶ୍ରମ ଦିବସ ସୃଷ୍ଟି ହୋଇଛି। ବିଭିନ୍ନ ପ୍ରକଳ୍ପ ମଧ୍ୟରେ ୭୦ଟି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ମଧ୍ୟରୁ ୧୨ଟି, ୧୭୯ଟି ଜଳ ସଂରକ୍ଷଣ ପ୍ରକଳ୍ପ ମଧ୍ୟରୁ ୫୪ଟି, ଉଦବୃତ ଜଳ ନିଷ୍କାସନ ଲାଗି ୧୨୭ଟି ନାଳ ନିର୍ମାଣ ମଧ୍ୟରୁ ୫୭ଟି, ୪୦୧ ଗ୍ରାମାଞ୍ଚଳ ରାସ୍ତା ମଧ୍ୟରୁ ୧୫୭ଟି, ୨୭୨ଟି ଚାରା ରୋପଣ ପ୍ରକଳ୍ପ ମଧ୍ୟରୁ ୧୧୪ଟି ଓ ୨୩୭ଟି ଗାଇ ଗୁହାଳ ମଧ୍ୟରୁ ୪୭ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇଥିବା ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡିଛି ।

# ପ୍ରାର୍ଥିପତ୍ର ଦାଖଲରେ ବିଜେଡି ଆଗୁଆ

ଦିଗପହଣ୍ଡି,୪।୩(ଡି.ଏନ.ଏ.)

ଦିଗପହଣ୍ଡି ଏନ୍‌ଏସି ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ତୃତୀୟ ଦିନ ଶୁକ୍ରବାର ବିଜେଡି ପକ୍ଷରୁ ପୂର୍ବତନ ଏନ୍‌ଏସି ଅଧକ୍ଷ ଭି. ରବିନାରାୟଣ ରାଜୁ, କଂଗ୍ରେସ ପକ୍ଷରୁ ପୂର୍ବତନ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ଭାଜପା ପକ୍ଷରୁ ଆଇନଜୀବୀ ପରେଶ ଚନ୍ଦ୍ର ରଥ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ଏନ୍‌ଏସି ଅଧକ୍ଷ ପଦବୀ ପାଇଁ ନିର୍ବାଚନ ଅଧିକାରୀ ସିପକ କୁମାର ପାତ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବିଭିନ୍ନ ୱାର୍ଡ କାଉନସିଲର ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲରେ ବିଜେଡି ଆଗୁଆ ରହିଛି। ଶୁକ୍ରବାର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ୧ନଂ ୱାର୍ଡରୁ (ବିଜେଡି) ପ୍ରାର୍ଥିନୀ ନିରୁପମା ପଟ୍ଟନାୟକ, ୪ ନଂ ୱାର୍ଡରୁ (ବିଜେଡି) ପ୍ରାର୍ଥୀ ଗୌରାଙ୍ଗ ଚରଣ ବେହେରା, ୫ ନଂ ୱାର୍ଡରୁ (ବିଜେଡି) ପ୍ରାର୍ଥିନୀ ରଶ୍ମିତା ବେହେରା, ୮ ନଂ ୱାର୍ଡରୁ (ବିଜେଡି) ପ୍ରାର୍ଥିନୀ ଏମ୍.


ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ୧ ନଂ ୱାର୍ଡ ପ୍ରାର୍ଥୀନୀ ଏବଂ ଅଧକ୍ଷ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲ।

**ଦିଗପହଣ୍ଡି ଏନ୍‌ଏସି ନିର୍ବାଚନ**

ଉଷାରାଣୀ, ୯ ନଂ ୱାର୍ଡରୁ (ବିଜେଡି) ପ୍ରାର୍ଥୀ ନୀଳମାଧବ ଗୌଡ ଏବଂ ୧୧ ନଂ ୱାର୍ଡ ନିମନ୍ତେ (ବିଜେଡି) ପ୍ରାର୍ଥିନୀ ଜ୍ୟୋତ୍ସ୍ନା ଜେନା ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ଜଣାଇଛନ୍ତି। ସେହିପରି ପୁଞ୍ଜିକିଆ ଛକ ନିକଟ କଂଗ୍ରେସ କାର୍ଯ୍ୟାଳୟରୁ ବାଇକ ଶୋଭାଯାତ୍ରାରେ ଦଳୀୟ ନେତୃବୃନ୍ଦ ଏନ୍‌ଏସି ଅଧକ୍ଷ ପଦବୀ ପାଇଁ ଦଳୀୟ ପ୍ରାର୍ଥୀ ପ୍ରଫୁଲ୍ଲଙ୍କୁ ସାଙ୍ଗରେ ନେଇ ସହର ପରିକ୍ରମା କରିଥିଲେ। ପରେ ସେ ଦଳୀୟ ନେତୃବୃନ୍ଦଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଭାଜପା ପକ୍ଷରୁ ଦଳୀୟ ନେତୃବୃନ୍ଦ ଏବଂ ସମର୍ଥକ ଏନ୍‌ଏସି ଅଧକ୍ଷ ପଦବୀ ପାଇଁ ପ୍ରାର୍ଥୀ ଥିବା ପରେଶ ଚନ୍ଦ୍ର ରଥଙ୍କୁ ସାଙ୍ଗରେ ନେଇ ସ୍ଥାନୀୟ ବଜାର ସାହି ସ୍ଥିତ ନିର୍ବାଚନ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ସମର୍ଥକଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି।

### ଚିକିଟି: ତୃତୀୟ ଦିନରେ ଜଣେ ଦାଖଲ କଲେ ପ୍ରାର୍ଥିପତ୍ର

ଚିକିଟି,୪।୩(ଡି.ଏନ.ଏ.)

ଚଳିତବର୍ଷ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ବୁଧବାର ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ୭ ତାରିଖ ଯାଏ ଚାଲିବ। ଶୁକ୍ରବାର ୩ନମ୍ବର ୱାର୍ଡ ପାଇଁ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଉପନଗରପାଳ ଦୁର୍ଗାପ୍ରସାଦ ଦେଓ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଗଞ୍ଜାମ ଜିଲାରେ ୧୨ ୱାର୍ଡକୁ ନେଇ ଗଠିତ ହୋଇଥିବା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦରେ ପ୍ରାର୍ଥୀ ଚୟନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅଦ୍ୟାବଧି ନିଷ୍ପତ୍ତି ଚୂଡାନ୍ତ ହୋଇପାରିନାହିଁ। ଆଜିସୁଦ୍ଧା ନାମାଙ୍କନପତ୍ର ଦାଖଲର ତୃତୀୟ ଦିବସରେ ପହଞ୍ଚିଥିଲେ ସୁଦ୍ଧା ଜଣେ ମାତ୍ର ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି। ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ଟି ୱାର୍ଡରେ ମୋଟ ୧୦୭୨୦ ଭୋଟର ରହିଥିବା ବେଳେ ସେଥିରୁ ପୁରୁଷ ଭୋଟର ୫୪୩୫ ଓ ମହିଳା ଭୋଟର ୫୨୯୪ । ସେମାନଙ୍କର ମତଦାନ ପାଇଁ ୧୩ ବୁଥ୍ କରାଯାଇଥିବା ନିର୍ବାଚନ ଅଧିକାରୀ ବିଶ୍ୱରଞ୍ଜନ କହଁର ସୂଚନା ଦେଇଛନ୍ତି।

# ନକଲି ଚେକ୍‌ରେ ୬୭ ଲକ୍ଷ ଠକେଇ ଯୋଜନା ପଣ୍ଡ

ଭଞ୍ଜନଗର,୪।୩(ଡି.ଏନ.ଏ)

୨ଟି ନକଲି ଚେକ୍ ମାଧ୍ୟମରେ ଭଞ୍ଜନଗର ଏନ୍‌ଏସିର ଆକାଉଣ୍ଟରୁ ୬୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଗୁରୁବାର ଉଠାଇବା ଯୋଜନା ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁକରି ସିସିଟିଭି ଫୁଟେଜକୁ ଆଧାର କରି ଘଟଣାର ତଦନ୍ତ ଚଳାଇଛି।
ଗୁରୁବାର କେନ୍ଦ୍ରାପଡ଼ାରୁ ଜଣେ ବ୍ୟକ୍ତି ନକଲି ଚେକ୍ ମାଧ୍ୟମରେ ୩୮.୬୭ଲକ୍ଷ ଟଙ୍କା ଭଞ୍ଜନଗର ଏନ୍‌ଏସି ଆକାଉଣ୍ଟରୁ ଉଠାଇବା ପାଇଁ ସେଠାକାର ଏକ ବ୍ୟାଙ୍କରେ ଚେକ୍ ଡିପୋଜିଟ୍ କରିଥିଲେ। ଆଉ ଜଣେ ବ୍ୟକ୍ତି ଭଞ୍ଜନଗରର ଏକ ସରକାରୀ ବ୍ୟାଙ୍କରେ ୨୮.୮୫ ଲକ୍ଷ ଟଙ୍କାର ଏକ୍ ଚେକ୍ ଡିପୋଜିଟ୍ କରିଥିଲେ। ଯେଉଁ ଆକାଉଣ୍ଟ ନାମରେ ଚେକ୍‌ଟି ଡିପୋଜିଟ୍ ହୋଇଥିଲା ତାହା

**୨୮.୮୫ ଲକ୍ଷ ଟ୍ରାନ୍ସଫର ପରେ ଅଭିଯୁକ୍ତଙ୍କ ଆକାଉଣ୍ଟ ଅଚଳ**

ଛତିଶଗଡ଼ର। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ସନ୍ଦେହରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ। ଏହାପରେ ଏନ୍‌ଏସି ପକ୍ଷରୁ ଏହିଭଳି କୌଣସି ଚେକ୍ କଟାଯାଇ ନ ଥିବା ବ୍ୟାଙ୍କକୁ ସୂଚନା ଦିଆଯାଇଥିଲା। କିନ୍ତୁ ଏହି ସମୟ ମଧ୍ୟରେ ଛତିଶଗଡ଼ର ଆକାଉଣ୍ଟକୁ ୨୮ ଲକ୍ଷ ୮୫ ହଜାର ଟଙ୍କା ଟ୍ରାନ୍ସଫର ହୋଇଯାଇଥିଲା। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ ଏ ନେଇ ତୁରନ୍ତ ତତ୍ପରତା ଦେଖାଇ ଛତିଶଗଡ଼ର ଉକ୍ତ ଆକାଉଣ୍ଟକୁ ଅଚଳ କରି ଦେଇଥିଲେ। କେନ୍ଦ୍ରାପଡ଼ା ଆକାଉଣ୍ଟରେ ଡିପୋଜିଟ୍ ହୋଇଥିବା ୩୮.୬୭ ଲକ୍ଷ ଟଙ୍କାର ନକଲି ଚେକ୍‌ଟି କାର୍ଯ୍ୟକାରୀ ହୋଇପାରିନାହିଁ। ଏନ୍‌ଏସି ଚେକ୍ ନମ୍ବର ଅଭିଯୁକ୍ତମାନେ କିଭଳି ଜାଣିଲେ ତାହାକୁ ନେଇ ନାନା ସନ୍ଦେହ ପ୍ରକାଶ ପାଇଛି। ବ୍ୟାଙ୍କ ମଧ ନକଲି ଚେକ୍‌ଟିକୁ କିଭଳି ଚିହ୍ନଟ କରିପାରିଲା ନାହିଁ ତାହାକୁ ନେଇ ମଧ ନାନା ପ୍ରଶ୍ନବାଚୀ ଦେଖାଦେଇଛି। ପୋଲିସ ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଭଞ୍ଜନଗର ଏନ୍‌ଏସିର ଚେକ୍ ନମ୍ବର ୧୮ ଓ ୧୯କୁ ବ୍ୟବହାର କରି ୨ଟି ନକଲି ଚେକ୍ ପ୍ରସ୍ତୁତ କରିଥିଲେ। ଏହାକୁ ବ୍ୟାଙ୍କର ଚେକ୍ ଚିହ୍ନଟ ଯନ୍ତ୍ରରେ ମଧ ଧରାପଡ଼ି ନ ଥିଲା। ଏହାପରେ ଅଭିଯୁକ୍ତମାନେ ବ୍ୟାଙ୍କରୁ ଉକ୍ତ ଚେକ୍ ମାଧ୍ୟମରେ ଟଙ୍କା ଉଠାଇବା ପାଇଁ ଯୋଜନା କରିଥିଲେ। କିନ୍ତୁ ଅଭିଯୁକ୍ତମାନଙ୍କର ଯୋଜନା ସଫଳ ହୋଇପାରିନାହିଁ । ଏ ନେଇ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି ବୋଲି ସେ କହିଛନ୍ତି।

### ବଣିକ ସଂଘ ସଭାପତିଙ୍କ ପରଲୋକ

ଆସିକା,୪।୩(ଡି.ଏନ.ଏ.)

ଆସିକା ବଣିକ ସଂଘ ସଭାପତି ରାମରଞ୍ଜନ ଶର୍ମା(୫୬)ଙ୍କ ଶୁକ୍ରବାର ହୃଦଘାତରେ ପରଲୋକ ଘଟିଛି । ଅପରାହ୍ନ ପ୍ରାୟ ୨ଟାରେ ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଆସିକା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପାଇବା ପରେ ଆସିକାର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ବ୍ୟବସାୟୀମାନେ ଶେଷ ଦର୍ଶନ ଲାଗି ଶର୍ମାଙ୍କ ବାସଭବନକୁ ଯାଇଥିଲେ। ଗତ ତିନି ବର୍ଷ ଧରି ସେ ଆସିକା ବଣିକ ସଂଘ ସଭାପତି ରହିଥିଲେ ।

### ଧରାପଡ଼ିଲେ ୫ ଚୋର, ୨ ଖସିଗଲେ

ଗୋପାଳପୁର,୪।୩(ଡି.ଏନ.ଏ.)

**ସୁନାରୁପା ଗହଣା, ଟଙ୍କା ଓ ମାରଣାସ୍ତ୍ର ଜବତ**

ବ୍ରହ୍ମପୁର ପୋଲିସ ଜିଲା ଅଧୀନ ୪ ଥାନା ଅଞ୍ଚଳରୁ ଗତ ୬/୭ ମାସ ମଧ୍ୟରେ ଏକାଧିକ ଘରୁ ଚୋରି ଘଟଣାରେ ସମ୍ପୃକ୍ତ ୫ ଚୋରଙ୍କୁ ଗୋଳନ୍ଥରା ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ବଡ଼ବଜାର ଥାନା ସୁକୁଣ୍ଡା ଗ୍ରାମର ସିଏଚ୍ ରାମବାବୁ , ଏସ.ଶ୍ରୀନୁ , ଏସ.ଗଣେଶ , ସିଏଚ୍ ସେନବାବୁ ଓ ପି. ନରସିଂହ। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏହି ଗ୍ୟାଙ୍ଗର ଆଉ ୨ ଜଣ ଖସିଯାଇଥିବା ଜଣାପଡ଼ିଛି। ବୁଧବାର ରାତିରେ ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ଅଞ୍ଚଳରେ ଏକ ଘରେ କେତେଜଣ ଦୁର୍ବୃତ୍ତ ପଶି ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ୨ ଦୁର୍ବୃତ୍ତ ପୋଲିସ ଆଡ଼କୁ ୨ଟି ବୋମା ଫିଙ୍ଗି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଲିସ କର୍ମଚାରୀମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। ସେଠାରୁ ଅନ୍ୟ ୫ ଚୋରଙ୍କୁ ପୋଲିସ କାବୁ କରିଥିଲା। ସେମାନଙ୍କ ଠାରୁ ଗୋଟିଏ କାତି, ଦୁଇଟି ଲୁହାରଡ଼, ୩ ବୋମା, ୪୦ ଗ୍ରାମ ସୁନା ଅଳଙ୍କାର, ୨ କେଜି ୬୦୦ ଗ୍ରାମ ରୂପା, ୨୦ ହଜାର ଟଙ୍କା ଜବତ କରାଯାଇଥିଲା। ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ସେମାନେ ଗୋଳନ୍ଥରା, ବ୍ରହ୍ମପୁର ସଦର, ବୈଦ୍ୟନାଥପୁର, ଗୋପାଳପୁର ଓ ବଡ଼ବଜାର ଅଞ୍ଚଳର ବିଭିନ୍ନ ଘରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ଏନେଇ ଗୋଳନ୍ଥରା ଥାନା ପୋଲିସ ନଂ. ୮୦/୨୨ରେ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

# ଭୋଟର ତାଲିକାରେ ତ୍ରୁଟି ଅଭିଯୋଗ

ହିଞ୍ଜିଳିକାଟୁ,୪।୩(ଡି.ଏନ୍.ଏ)

ହିଞ୍ଜିଳିକାଟୁ ପୌରାଞ୍ଚଳ ୱାର୍ଡ ନଂ.୬ ଅନ୍ତର୍ଗତ ଆଦର୍ଶ କଲୋନୀର ୫୦ରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତିର ଲୋକଙ୍କ ଭୋଟର ତାଲିକା ୫ନଂ ୱାର୍ଡରେ ଅନ୍ତର୍ଭୁକ୍ତ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର କଲୋନୀର ଭାସ୍କର ସେଠୀ, ଗନ୍ତାୟତ ସେଠୀ, ପ୍ରକାଶ ସେଠୀ ମୁନା ସେଠୀ ପ୍ରମୁଖ ବହୁ ଲୋକ ଏକ ଅଭିଯୋଗପତ୍ର ସହ ମ୍ୟୁନିସିପାଲିଟି ଅଫିସ ସାମ୍ନାରେ ଅସନ୍ତୋଷ ଜାହିର କରିଥିଲେ। ମ୍ୟୁନିସିପାଲିଟିର କିଛି କର୍ମଚାରୀ ସେମାନଙ୍କ ନାଁକୁ ୫ନଂ ୱାର୍ଡରେ ତାଲିକାଭୁକ୍ତ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ୧୯୯୯ରୁ ସେମାନେ ୬ନଂ ୱାର୍ଡରେ ସାମିଲ ଥିଲେ କିନ୍ତୁ ସେମାନଙ୍କ ଅଜାଣତରେ ସେମାନଙ୍କ ନାମକୁ ୫ନଂ ୱାର୍ଡରେ ତାଲିକାଭୁକ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ସେମାନଙ୍କ ନାମକୁ ୫ନଂ ୱାର୍ଡରେ ସାମିଲ ପାଇଁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। ଅଭିଯୋଗକାରୀଙ୍କୁ ତହସିଲଦାର ପ୍ରଭାତ କୁମାର ପରିଡ଼ା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ମନୋରଞ୍ଜନ ସାହୁ, ଆଇଆଇସି ଅଭିମନ୍ୟୁ ଦାଶ ପ୍ରମୁଖ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏହା ସମ୍ଭବ ନୁହେଁ ବୋଲି କହିବା ସହ ତ୍ରୁଟି ସଂଶୋଧନ କରାଯିବ ବୋଲି ବୁଝାଶୁଝା କରିଥିଲେ।

### ନବନିର୍ବାଚିତ ସରପଞ୍ଚଙ୍କ ଶୋଭାଯାତ୍ରା

ଚକାପାଦ,୪।୩(ଡି.ଏନ୍.ଏ.)

ଚକାପାଦଠାରେ ସ୍ଥାନୀୟ ସରପଞ୍ଚ ଉମା ଚରଣ ମଲ୍ଲିକ ତାଙ୍କ ସମର୍ଥକମାନଙ୍କୁ ନେଇ ଶୁକ୍ରବାର ନିଜ ବାସଭନରୁ ବହାରି ପ୍ରଥମେ ଶଗଡାସହି ପରେ କୁମ୍ଭାର ସାହି, ଚକାପାଦ ପଞ୍ଚାୟତର ୧୬ ୱାର୍ଡ ପରିକ୍ରମା କରିଥିଲେ। ଶତାଧିକ ଲୋକ ଶୋଭାଯାତ୍ରାରେ ବାହାରି ପ୍ରତି ଗ୍ରାମରେ ପହଞ୍ଚି ଗ୍ରାମର ସମର୍ଥକ ମାନଙ୍କୁ ଶୁଭେଚ୍ଛା ଜଣେଇ ନିଜ ଘରକୁ ଫେରିଥିଲେ। ମୁଖ୍ୟ ସମର୍ଥକ, ନୀଳାମ୍ବର ମଲିକ, ନିରଞ୍ଜନ ବେହେରା, ଜଡ଼ା ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ(ପିଣ୍ଟୁ), ଚରଣ ନାୟକ, ଟୁନା ମନ୍ତ୍ରୀ, ବନ ନାୟକ, ପ୍ରଭାକର ନାୟକ,(କାହ୍ନୁ) ପ୍ରମୁଖ ସମର୍ଥକ ଯୋଗ ଦେଇଥିଲେ।

### ଲେଖକ ସାମୂଖ୍ୟ ପକ୍ଷରୁ ସାହିତ୍ୟ ଆଲୋଚନା


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଫୁଲବାଣୀ ଅଫିସ, ୪।୩

କନ୍ଧମାଳ ଜିଲା ଲେଖକ ସାମୂଖ୍ୟ ଆନୁକୂଲ୍ୟରେ ଏକ ସାହିତ୍ୟ ଆଲୋଚନା ଚକ୍ର ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ରବୀନ୍ଦ୍ରନାଥ ମିଶ୍ରଙ୍କ ଅଧକ୍ଷତାରେ ସାମୂଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ସଭାରେ ଯୋଗ ଦେଇ ଅନୁଷ୍ଠାନର ସଦସ୍ୟମାନେ ସେମାନଙ୍କ କରୋନା ଅନୁଭୂତି ଉପରେ ବର୍ଣ୍ଣନା କରିଥିଲେ। ପରେ ବରିଷ୍ଠ ସାହିତ୍ୟିକ ଅନନ୍ତ ଚରଣ ମିଶ୍ର, ନବୀନ କିଶୋର ପଣ୍ଡା, ଡଃ ଚିତରଞ୍ଜନ ମିଶ୍ର, ଡ. ନୃସିଂହାନନ୍ଦ ମହାପାତ୍ର, ଅଧାପିକା ଜ୍ୟୋତିର୍ମୟୀ କହଁର, ରାମକୃଷ୍ଣ ବେହେରା, କୁମାର କୁନ୍ଦନ ସିଂ ପ୍ରମୁଖ ଆଲୋଚନା ଚକ୍ରରେ ଭାଗ ନେଇଥିଲେ । ଏ ଅବସରରେ ଅବସରପ୍ରାପ୍ତ ଇଂଲିଶ ଅଧାପକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ରଚିତ ପୁସ୍ତକ ପାଲିଆ ବିରଞ୍ଚି ନାରାୟଣ ଓ ଜୀବନସ୍ରୋତକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଅଧାପିକା ହରପ୍ରିୟା ମିଶ୍ରଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ହୋଇଥିଲା। ଉପସ୍ଥିତ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବି.କେ କମଲ, ଦୁର୍ଯ୍ୟୋଧନ ପ୍ରଧାନ, ବୈଜୟନ୍ତୀ ବାଳା ମହାପାତ୍ର ପ୍ରମୂଖ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପଞ୍ଚାୟତ ସମିତି ଅଧକ୍ଷା ପଦରେ ଦୁଇ ଦଳର ନଜର

ଆର.ଉଦୟଗିରି,୪।୩(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକରେ ବିଜେଡି ଓ କଂଗ୍ରେସ ଅଧକ୍ଷ ପଦ ହାତେଇବା ପାଇଁ ଜୋରଦାର ଉଦ୍ୟମ କରୁଥିବା ବେଳେ ଶାସକ ଦଳ ବିଜେଡି ବ୍ଲକରେ ଜିଲା ପରିଷଦ ସଭ୍ୟ ଆସିଛି। ଏହା ସହ ବିଜେଡି ବ୍ଲକ ଅଧକ୍ଷ ପଦକୁ କିପରି ହାତେଇ ପାରିବେ ସେ ମଧ ଚେଷ୍ଟା ଚଳାଇଛି। ଭାଜପା ଅଧକ୍ଷ ପଦକୁ ହାତେଇବାର ଦେଖିବାକୁ ମିଳୁନି। ଦୁଇ ଦଳ ମଧ୍ୟରେ ଟଣାଓଟରା ଚାଲିଛି। ଆର.ଉଦୟଗିରି ବ୍ଲକରେ ରହିଛି ୧୭ ପଞ୍ଚାୟତର ସମିତିସଭ୍ୟ। କଂଗ୍ରେସ ଓ ବିଜେଡି ସମର୍ଥିତ ଦଳ ମଧ୍ୟରୁ ଯେଉଁ ଦଳ ୯ ସମିତିସଭ୍ୟ ପ୍ରାର୍ଥୀ ହାତେଇବ ସେହିଁ ଦଳର ସମର୍ଥିତ ନିର୍ବାଚନ ପ୍ରାର୍ଥୀ ବ୍ଲକରେ ପଞ୍ଚାୟତ ସମିତି ଅଧକ୍ଷ ପଦ ଅକ୍ତିଆର କରିବ। ଏପରିକି ବହୁ ପଞ୍ଚାୟତରେ କଂଗ୍ରେସ ଓ ବିଜେଡି ସମର୍ଥନରେ ସମିତି ସଭ୍ୟ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ସେମାନଙ୍କୁ ନିଜ ପକ୍ଷକୁ ଆଣିବାକୁ ଦୁଇ ଦଳ ପକ୍ଷରୁ ଘୋଡ଼ା ବେପାର ଚାଲିଥିବାର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବିଜେଡି ସମର୍ଥିତ ୧୧ଟି ପଞ୍ଚାୟତର ସମିତି ସଭ୍ୟଙ୍କୁ ଅଜ୍ଞାତବାସରେ ରଖାଯାଇଥିବା ଶୁଣିବାକୁ ମିଳୁଛି। ସେହିପରି କଂଗ୍ରେସ ମଧ କିଛି ସମିତି ସଭ୍ୟ କେଉଁ ଜାଗାରେ ନେଇ ଲୁଚାଇ ରଖିଥିବାର ଚର୍ଚ୍ଚା ହେଉଛି। ଆର.ଉଦୟଗିରି ବ୍ଲକ ଅଧକ୍ଷ ଆସନ ଗତଥର ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିବା ବେଳେ ଚଳିତ ବର୍ଷ ମଧ ଆଦିବାସୀ ପୁରୁଷଙ୍କ ପାଇଁ ସଂରକ୍ଷିତ ରହିଛି। ନୂଆଗଡ଼ ଅଧକ୍ଷା ଆସନ ବିଜେଡି ପାଇଁ ମର୍ଯ୍ୟାଦାଜନକ ହୋଇଥିବାରୁ ଏହି ଆସନକୁ ହାତେଇବା ଚେଷ୍ଟା ଚଳାଇଛି। ଏହି ଆସନକୁ ନେଇ କଂଗ୍ରେସ ମଧ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି।

# ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୪।୩


୧୩ଟି ବିଶ୍ୱବିଦ୍ୟାଳୟର ଅଧିନାୟକଙ୍କ ଶପଥ ଗ୍ରହଣ

ସୁସ୍ଥ ମନ ଓ ସୁସ୍ଥ ଶରୀର ଉତ୍ତମ ଚରିତ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ତେଣୁ ଜ୍ଞାନ ଆହରଣ ସହ ଶାରୀରିକ ସୁସ୍ଥତା ପାଇଁ ନିୟମିତ ଖେଳ ଓ ଦୌଡ଼କୁଦ ଅଭ୍ୟାସ ମଧ ଜରୁରୀ। ରାଜ୍ୟ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଶୁକ୍ରବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତା ଉଦଘାଟନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଆୟୋଜିତ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ.ଚକ୍ରପାଣି ଅଧକ୍ଷତା କରି ପ୍ରତିଯୋଗୀମାନେ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆର୍ମି ଏଡ଼ି କଲେଜର ବ୍ରିଗେଡ଼ିୟର ମନୀଷ ଭାବେ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସଂଯୋଜକ ଡ଼.ଶେଷଦେବ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟର ୨୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିନ ହୋଇଥିବା ୧୨ଟି ପ୍ରତିଯୋଗିତା ମଧ୍ୟରେ ପୁରୁଷ ବିଭାଗର ୭ଟି ଓ ମହିଳା ବିଭାଗର ୫ଟି ଥିଲା। ୧୫୦୦ ମିଟର ଦୌଡ଼ ପୁରୁଷ ବର୍ଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରଶ୍ମି ରଞ୍ଜନ ନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟର ଦିଲ୍ଲୀପ ନାୟକ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଧୀରେନ୍ଦ୍ର ପ୍ରଧାନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସଟପୁଟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ହରିବେହେରା, ଉତ୍କଳ ବିଶ୍ୱବିଦ୍ୟାଳୟର ଚିରଞ୍ଜିବ ସିଂ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜବୀର, ଦୌଡ଼କୁଦ ପ୍ରତିଯୋଗିତା ୧୦୦ ମିଟର ମହିଳା ବର୍ଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମନୀଷା ମେରେଲ, ରମାଦେବୀ ବିଶ୍ୱବିଦ୍ୟାଳୟର ଆରାଧନା ଗୁପ୍ତା ଓ ଉତ୍କଳ ବିଶ୍ୱବିଦ୍ୟାଳୟର ରୋଜି ମଲ୍ଲିକ, ଲମ୍ବାଡ଼ିଆଁ ପୁରୁଷ ବର୍ଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଶିଷ ବେହେରା, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରିୟବ୍ରତ ପଟ୍ଟନାୟକ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଯଶବୀର ନାୟକ ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଖଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ପୂର୍ବତନ ସହନିର୍ଦ୍ଦେଶକ ହୃଷିକେଶ ପାଣିଗ୍ରାହୀଙ୍କ ସମେତ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

